# Akashvani, Sambalpur

## SAMBALPURI NEWS EVENING BULLETIN

## 17 January 2026 - 7.02 pm- 7.12 pm.

**********************************************

୧- ରାଏଜେ ଆଏବା ବଛର୍ ଜାନୁଆରୀ ମାସେ ହେବା ପଂଚାୟତ୍ ଆଉ ପୌର ନିର୍ବାଚନ୍ - ସୂଚ୍ନା ଦେଲେ ରାଜ୍ୟ ନିର୍ବାଚନ୍ ଆୟୁକ୍ତ ।

୨- ପୁରୀ ଶ୍ରୀମନ୍ଦିର୍ ପରିଚାଲନା କମିଟିର୍ ବୈଠକ୍ଥି ରତ୍ନଭଣ୍ଡାର୍ ଗନ୍ତିମନ୍ତି ଲାଗି ଅନୁମୋଦିତ ହେଲା ସଂଶୋଧିତ୍ ମାର୍ଗଦର୍ଶିକା ।

୩- ମହାନଦୀ ଜଲ୍ବିବାଦ୍କେ ନେଇକରି ଭୁବ୍ନେଶ୍ୱର୍ ନ ହେଲା ଉଚ୍ଚସ୍ତରୀୟ କମିଟିର୍ ବୈଠକ ।

ଆଉର୍

୪- ରାଜ୍ୟର୍ ୧୦ ଟା ଆକାଂକ୍ଷୀ ଜିଲ୍ଲା ନ ଶୁଭାରମ୍ଭ ହେଲା ନାରୀ ଅଦାଲତ୍ ।

ପଂଚାୟତ୍, ପୌର ନିର୍ବାଚନ        ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଆଏବା ବଛର୍ ଜାନୁଆରୀ ଆଉ ଫେବୃଆରୀ ମାସେ  ପଂଚାୟତ୍ ଆଉ ପୌର ନିର୍ବାଚନ୍ ହେବା । ପୌର ନିର୍ବାଚନ୍‌କେ ନେଇକରି ରାଜ୍ୟ ନିର୍ବାଚନ୍ ଆୟୋଗ୍ ତର୍‌ଫୁ ଆଏଜ୍ କଟକ୍ କେନ୍ଦ୍ରାଂଚଲ୍ ଆୟୁକ୍ତଙ୍କର୍ କାର୍ଯ୍ୟାଳୟ ପରିସର୍ ନ ହେଇଥିବା ଆର୍‌ଡିସି ସ୍ତରୀୟ ଗୁଟେ ପ୍ରସ୍ତୁତି ବୈଠକ୍ ଉତ୍‌ରୁ ରାଜ୍ୟ ନିର୍ବାଚନ୍ ଆୟୁକ୍ତ ମଧୁସୂଦନ୍ ପାଢ଼ୀ ଇ ସୂଚ୍‌ନା ଦେଇଛନ୍ । ଶ୍ରୀ ପାଢ଼ୀ କହିଛନ୍, ଆଏବା ଜାନୁଆରୀ ମାସେ ପଂଚାୟତ୍ ଆଉ ପୌର ସଂସ୍ଥାମାନ୍‌କର୍ କାର୍ଯ୍ୟକାଳ ଶେଷ୍ ହେଉଛେ । ହେଥିର୍‌ଲାଗି ନିର୍ବାଚନ୍ ପ୍ରକ୍ରିୟା ଲାଗି ନିର୍ବାଚନ ଆୟୋଗ୍ ତର୍‌ଫୁ ପ୍ରସ୍ତୁତି ମୁଲ୍ ହେଇଯାଇଛେ । ନିର୍ବାଚନ୍ ଲାଗି ଭୋଟର୍ ତାଲିକା ପ୍ରସ୍ତୁତି ଆଉ ନିର୍ବାଚନ୍ ବାବଦ୍ ଭିନ୍ ଭିନ୍ ବିଷୟ ଉପ୍‌ରେ ବୈଠକ୍‌ଥି ଆଲୋଚନା କରାଯାଇଥିଲା ବଲି ଶ୍ରୀ ପାଢ଼ୀ କହିଛନ୍ ।

(ଭଏସ୍ ଓଭର୍- ମଧୁସୂଦନ୍ ପାଢ଼ୀ)

ବୈଠକ୍‌ଥି କେନ୍ଦ୍ରାଂଚଲ୍ ରାଜସ୍ୱ ରେଞ୍ଜ୍‌ର ୧୦ ଟା ଜିଲ୍ଲାର୍ ଜିଲ୍ଲାପାଲ୍, ପୌର ଆୟୁକ୍ତ, ଅତିରିକ୍ତ ଜିଲ୍ଲାପାଲ୍, ଉପ ଜିଲ୍ଲାପାଲ୍‌ଙ୍କର୍ ସହେତେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଶ୍ରୀମନ୍ଦିର୍‌ର ପରିଚାଳନା କମିଟି ବୈଠକ୍     ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍‌ର ଭିତର୍ ଆଉ ବାହାର ରତ୍ନଭଣ୍ଡାର୍ ଗନ୍‌ତିମନ୍‌ତି ଲାଗି ବନା ହେଇଥିବା ସଂଶୋଧିତ୍ ମାର୍ଗଦର୍ଶିକାକେ ଆଏଜ୍ ଶ୍ରୀମନ୍ଦିର୍ ପରିଚାଳନା କମିଟିର୍ ବୈଠକ୍‌ଥି ଅନୁମୋଦନ୍ କରାଯାଇଛେ । ଗଜପତି ମହାରାଜ୍‌ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା ଶ୍ରୀମନ୍ଦିର୍ ପରିଚାଳନା କମିଟିର୍ ବୈଠକ୍‌ର୍ ସୂଚ୍‌ନା ଅନ୍‌ସାରେ ରାଜ୍ୟ ସର୍‌କାର୍‌ଙ୍କର୍ ଅନୁମୋଦନ୍ ଉତ୍‌ରୁ ଶୁଭ୍ ସମିଆ ଦେଖିକରି ରତ୍ନ ଅଲଙ୍କାର୍‌ର ଗନ୍‌ତିମନ୍‌ତି ମୁଲ୍ କରାଯିବା । ଇଥିର୍‌ଲାଗି ୧୧ ପୃଷ୍ଠାର୍ ଏସ୍‌ଓପି ତିଆର୍ କରାଯାଇଛେ । ସବୁ ଅଲଙ୍କାର୍‌ର ଡିଜିଟାଇଜେସନ୍ କର୍‌ବାର୍‌କେ ବୈଠକ୍‌ଥି ଧାରିଜ୍ କରାଯାଇଛେ । ଶ୍ରୀମନ୍ଦିର୍ ଭିତର୍‌କେ ଭକ୍ତମାନ୍‌କର୍ ବାଗିର୍ ସେବାୟତ୍‌ମାନେ ଭିଲ୍ ଆଉ ମୋବାଇଲ୍ ଧରିକରି ଯାଇ ନାଇଁ ପାରନ୍ । କେନ୍‌ସି ସୁରକ୍ଷା କର୍ମୀ ମନ୍ଦିର୍ ପରିସର୍ ନ ଖୁଲାଖୁଲି ଫୋନ୍ ବେଭାର୍ କରି ନାଇଁପାରନ୍ । ମାହାପ୍ରୁରୁଙ୍କର୍ ରତ୍ନପଲଙ୍କ ତିଆର୍ କରାଯାଇଛେ । ଥିତି ଆଉ ଲଗନ୍ ଦେଖିକରି ଇଟାକେ ବେଭାର୍ କରାଯିବା । ଖୋବ୍ ଜଲ୍‌ଦି ଗୁଣ୍ଡିଚା ମନ୍ଦିର୍ ଭିଲ୍ ଭକ୍ତଙ୍କର୍ ଲାଗି ଖୁଲାଯିବା । ସେନ୍ତା ଭକ୍ତନିବାସ୍ ଲାଗି କରାଯାଇଥିବା ୫ ଶହ ଟଙ୍କା ପାର୍କିଂ ଫିସ୍‌କେ ୨ ଶହ ୪୦ ଟଙ୍କା କରାଯାଇଛେ ବଲି ବୈଠକ୍ ଉତ୍‌ରୁ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚ୍‌ନା ଦେଇଛନ୍ ।

ପ୍ରାକ୍ ବଜେଟ୍ -ଆଲୋଚନା          ଆର୍ଏନ୍ୟୁ/ କଟକ୍

ପ୍ରାକ୍ ବଜେଟ୍ ୨୦୨୬ -୨୭ ପ୍ରସ୍ତୁତିକେ ନେଇକରି ଆଏଜ୍ଠାନୁ ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ଆଲୋଚନା ମୁଲ୍ ହେଇଛେ । ଉନ୍ନୟନ୍ କମିଶନର୍ ଦେଓରଞ୍ଜନ୍ କୁମାର୍ ସିଂ ଆଉ ଅର୍ଥ ବିଭାଗ୍ର ପ୍ରମୁଖ ଶାସନ୍ ସଚିବ ସଞ୍ଜିବ୍ କୁମାର୍ ମିଶ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍ଥି ଭିନ୍ ଭିନ୍ ବିଭାଗ୍ ବଜେଟ୍ ବାବ୍ଦେ ଆଲୋଚନା କରାଯାଇଛେ । ଆଏବା କାଏଲ୍ ଭିଲ୍ ଇ ବାବଦ୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍ରେ ଆଲୋଚନା କରାଯିବା । ସମୃଦ୍ଧ ଓଡ଼ିଶା ୨୦୩୬ ଆଉ ବିକଶିତ ଭାରତ ୨୦୪୭କେ ନଜର୍ଥି ରଖିକରି ଆଏବା ୨ ବଛର୍ ଲାଗି ବଜେଟ୍ ଅଟକଳ ତିଆର୍ କର୍ବାର୍କେ ସର୍କାର୍ଙ୍କର୍ ତର୍ଫୁ ବିଭାଗ୍ ମାନ୍କୁ ପରାମର୍ଶ ଦିଆଯାଇଛେ ।

ମହାନଦୀ ଜଲ୍ବିବାଦ୍-ବୈଠକ୍          ଆର୍ଏନ୍ୟୁ/ କଟକ୍

ଭୁବ୍ନେଶ୍ୱର୍ ରାଜୀବ୍ ଭବନ୍ ପରିସର୍ ନ ଓଡ଼ିଶା ଛତିଶ୍ଗଡ୍ ମହାନଦୀ ଜଲ୍ବିବାଦ୍କେ ନେଇକରି ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ଉପମୁଖ୍ୟମନ୍ତ୍ରୀ କନକ୍

ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ବିବାଦ୍‌କେ ନେଇକରି ଟ୍ରିବ୍ୟୁନାଲ୍ ନ ଚାଲିଥିବା ଆଲୋଚନା ଆଉ ପ୍ରକ୍ରିୟା ମାନ୍‌କର୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ବିଷୟର୍ ଜଟିଳତା ଆଉ ଭାବପ୍ରବଣତାକେ ନଜର୍‌ଥି ରଖିକରି ଭିନ୍ ଭିନ୍ ଗଠନ୍‌ମୂଲକ୍ ଆଲୋଚନା ଆଉ ଆଇନ୍‌ଗତ ପାରଦର୍ଶିତା ଜରିଏ ଓଡ଼ିଶାର୍ ନ୍ୟାର୍ଯ୍ୟ ଜଲ୍‌ଭାଗ୍ ସୁନିଶ୍ଚିତ୍ କର୍‌ବାର୍ ଲାଗି ବୈଠକ୍‌ଥି ଆଲୋଚନା କରାଯାଇଥିଲା ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ ।

(ଭଏସ୍ ଓଭର୍- କେ.ଭି. ସିଂହଦେଓ)

ଆଝିରର୍ ବୈଠକ୍‌ଥି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ବିଧାୟକ୍ ନିରଞ୍ଜନ୍ ପୂଜାରୀ, ଶୋଫିଆ ଫିର୍‌ଦୋଶ୍, ସରୋଜ୍ ପ୍ରଧାନ୍, ଆଡ୍‌ଭୋକେଟ୍ ଜେନେରାଲ୍ ପିତାମ୍ବର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ୍ ଥିଲେ ।

ଷ୍ଟାର୍ଟଅପ୍ ପ୍ରତିଯୋଗିତା        ଆଇ.ଆଣ୍ଡ୍.ପି.ଆର୍

ଷ୍ଟାର୍ଟଅପ୍ ଇଣ୍ଡିଆର୍ ୧୦ ବଛର୍ ପୂର୍ତି ଅବ୍‌ସରେ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଭୁବନେଶ୍ୱର୍ ରମାଦେବୀ ମହିଲା ବିଶ୍ୱବିଦ୍ୟାଳୟ ନ ଚାଲିଥିବା ରାଜ୍ୟସ୍ତରୀୟ ନୂଆଁ ସୃଜନ୍ ଆଉ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଆଏଜ୍ ଉଦ୍‌ଯାପିତ୍

ହେଇଯାଇଛେ । ଉଦ୍‌ଯାପନୀ ସମାରୋହଥି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ପ୍ରତିଯୋଗିତାଥି ୧୪ ଟା ବିଶ୍ୱବିଦ୍ୟାଲୟର୍ ୭୨ ଝନ୍ ଛାତ୍ରଛାତ୍ରୀ ଭାଗ୍ ନେଇଥିଲେ । ଇ ଅବ୍‌ସରେ ୧୦ ଟା ଶ୍ରେଷ୍ଠ ଷ୍ଟାର୍ଟଅପ୍ ପ୍ରକଳ୍ପକେ ବଛାଯାଇକରି ୫ ଲାଖ୍ ଟଙ୍କା ଲେଖା ଆର୍ଥିକ୍ ସାହାଜ୍ ଯୁଗେଇ ଦିଆଯାଇଛେ ।

ହଜ୍ ତୀର୍ଥଯାତ୍ରା ଏନ୍‌ଏସ୍‌ଡି

ହଜ୍ ତୀର୍ଥଯାତ୍ରା ଲାଗି ସମୟସୀମା ଆଏବା ୨୫ ତାରିଖ୍‌ତକ୍ ବଢ଼ାଯାଇଛେ । ସମିଆ ଅନ୍‌ସାରେ ଠିକ୍ ଭାବେ ସବୁପ୍ରକାର୍ ପ୍ରକ୍ରିୟା ଶେଷ୍ କର୍‌ବାର୍‌କେ ଇ ସମିଆ ବଢ଼ାଯାଇଛେ ବଲି ସଂଖ୍ୟାଲଘୁ ବ୍ୟାପାର୍ ମନ୍ତ୍ରଣାଳୟ ତର୍‌ଫୁ ସୂଚନା ଦିଆଯାଇଛେ । ଇତାର୍ ଉତ୍‌ରୁ ଆଉ ଅଏତ୍‌କା ସମିଆ ନାଇଁଦିଆଯାଏ । ହଜ୍ ଲାଗି ବୁକିଂ ଆଉ ଅଲ୍‌ଗା ସବୁ କାଗଜ୍‌ପତର୍ କାମ୍ ଶେଷ୍ କର୍‌ବାର୍‌କେ ହଜ୍ ଯାତ୍ରୀମାନ୍‌କୁ ମନ୍ତ୍ରଣାଳୟ ତର୍‌ଫୁ ପରାମର୍ଶ ଦିଆଯାଇଛେ ।

ଉପମୁଖ୍ୟମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର୍

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏଜ୍ ଭୁବ୍‌ନେଶ୍ୱର୍ ମହିଳା ଆଉ ଶିଶୁବିକାଶ୍ ବିଭାଗ୍ କାର୍ଯ୍ୟାଳୟ ନ ବିଭାଗ୍‌ର ବହୁମୁଖୀ କଲ୍ୟାଣ୍‌କାରୀ ଅଭିଯାନ୍‌ମାନ୍‌କର୍ ଶୁଭାରମ୍ଭ କର୍‌ବାର୍ ସହେତେ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ୧୦ ଟା ଆକାଂକ୍ଷୀ ଜିଲ୍ଲା ନ ସଚେତନତା ନ୍ୟାୟ ଆଉ ସମାଧାନ୍‌ର ବିକଳ୍ପ ମଂଚ ଭାବେ ନାରୀ ଅଦାଲତ୍‌ର ଶୁଭାରମ୍ଭ କର୍‌ବାର୍ ସହେତେ ଖୋର୍ଦ୍ଧା ଆଉ ଗଜପତି ଜିଲ୍ଲା ନ ସମନ୍ୱିତ ବାତ୍ସଲ୍ୟ ସଦନ୍‌ର ଆଭାସୀ ଜରିଏ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ଇତାର୍‌ସହେତେ  ବେଟି ବଚାଓ-ବେଟି ପଢ଼ାଓ ଅଭିଯାନ୍‌ଥି ଜାତୀୟ ଶିଶୁକନ୍ୟା ସପ୍ତାହ ର୍ ଶୁଭାରମ୍ଭ ଆଉ ପାଲ୍‌ନା ଯୋଜ୍‌ନାର୍ ମାର୍ଗଦର୍ଶିକାର୍ ଉନ୍ମୋଚନ୍ କରିଛନ୍ । ଯାଜ୍‌ପୁର୍ ନ ନୂଆଁକରି ତିଆର୍ ହେଇଥିବା ଉତ୍କଳ ବାଳାଶ୍ରମ ଆଉ ଆଧୁନିକ୍ ରୋଷେଇ ବ୍ୟବସ୍ଥାର୍ ଭିଲ୍ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଶୁଭାରମ୍ଭ କରିଛନ୍ ।

ଇ ଅବ୍‌ସରେ ପୂର୍ତ ଆଉ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଭିଲ୍ ଉପସ୍ଥିତ୍ ଥିଲେ ।

ପଂଚାୟତିରାଜ୍ ମନ୍ତ୍ରୀ            ଏକ୍ସ

ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆଏଜ୍ ଦେବ୍‌ଗଡ଼୍ ଜିଲ୍ଲା ଗସ୍ତ କରିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍

ଦେଇଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ନାଏକ୍ ତିଲେଇବଣି ବ୍ଲକ୍ କନ୍‌ସର୍ ପଂଚାୟତ୍ ନ ସୁଭଦ୍ରା ଶକ୍ତି କେନ୍ଦ୍ରର୍ ଉଦ୍‌ଘାଟନ୍ କର୍‌ବାର୍ ସହେତେ ପଂଚାୟତ୍ ସମିତି ବାଳିକା ଉଚ୍ଚବିଦ୍ୟାଳୟର୍ ବାର୍ଷିକ୍ ଉତ୍ସବ୍‌ଥି ଯୋଗ୍ ଦେଇକରି ଶିକ୍ଷା ବ୍ୟବସ୍ଥାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ଛାତ୍ରଛାତ୍ରୀ ଆଉ ଶିକ୍ଷକ୍‌ମାନ୍‌କର୍ ସାଙ୍ଗେ ଆଲୋଚନା କରିଥିଲେ ।

ବିଭିଜୀରାମ୍‌ଜୀ ବିଲ୍      ଏକ୍ସ

ବର୍‌ଗଡ୍ ଜିଲ୍ଲା ନ ଆଏଜ୍ ବିକଶିତ୍ ଭାରତ୍ ଜୀ ରାମ୍ ଜୀ ଆଇନ୍ -୨୦୨୫ ବାବଦ୍ ଜନଜାଗରଣ୍ ଅଭିଯାନ୍‌ର ଜିଲ୍ଲାସ୍ତରୀୟ କର୍ମଶାଳା ହେଇଯାଇଛେ । କର୍ମଶାଳାଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି ଇ ଯୋଜ୍‌ନା ଗାଁ ଇଲାକା ନ ନିଯୁକ୍ତି ଆଉ ସାମାଜିକ୍ କଲ୍ୟାଣ୍ ସହେତେ ବିକଶିତ୍ ଭାରତ୍ ଗଠନ୍ ଦିଗେ ବଡ଼୍ ଭୂମିକା ନେବା ବଲି କହିଛନ୍ । ନୂଆଁ ଆଇନ୍‌ଥି ଅଏତ୍‌କା କାମ୍ ସଙ୍ଗେ ଠିକ୍ ସମିଆଥି ମଜ୍‌ରୀ ଦେବାର୍‌ଟା ସୁନିଶ୍ଚିତ୍ କରାଯାଇଛେ । ବାୟୋମେଟ୍ରିକ୍ ହାଜ୍‌ରା ଆର୍ ଏ.ଆଇ. ଆଧାରିତ୍ ତଦାରଖ୍ ବ୍ୟବସ୍ଥା ଜରିଏ ବ୍ୟବସ୍ଥାଥି ଫଟିକ୍ ଆସ୍‌ବା ଆଉ ଶ୍ରମିକ୍‌ମାନ୍‌କର୍ ଅଧିକାର୍‌କେ ଆହୁରି ସୁରକ୍ଷିତ୍ କରାଯାଇପାର୍‌ବା ବଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍ ।

ପାର୍ବତୀଗିରି ଜନ୍ମ ଶତବାର୍ଷିକୀ        ବର୍‌ଗଡ୍ ସମ୍ବାଦଦାତା

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବହ୍ନି କନ୍ୟା ପାର୍ବତୀଗିରିଙ୍କର୍ ଜନମ୍ ଶତବାର୍ଷିକୀ ପାଲନ୍ ଅବ୍‌ସରେ ଆଏଜ୍ ତାଙ୍କର୍ ଜନମ୍ ମାଏଟ୍ ବର୍‌ଗଡ୍ ଜିଲ୍ଲା ସମ୍‌ଲେଇ ପଦର୍ ଗାଁ ନ ସାମୂହିକ୍ ସଫେଇ କାର୍ଯ୍ୟକ୍ରମ୍ ହେଇଥିଲା । ବିଜେପୁର୍ ବିଧାୟକ୍ ସନତ୍ ଗଡ଼୍‌ତିଆ ସଫେଇ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେଇକରି ପାର୍ବତୀ ଗିରିଙ୍କୁ ସାହସ୍, ତ୍ୟାଗ ଆଉ ସହାନୁଭୂତିର୍ ପ୍ରତୀକ୍ ଭାବେ ସୁର୍‌ତା କରାଯାଏସି ବଲି କହିଛନ୍ । ସେ ଦେଖେଇଥିବା ବାଟ୍ ଅନୁସରଣ୍ କରିକରି ବିକଶିତ୍ ବର୍‌ଗଡ୍ ଆଉ ବିକଶିତ୍ ଭାରତ୍ ଗଠନ୍ କର୍‌ବାର୍ ଦିଗେ ସଭେ ଆଗ୍‌କେ ବଢ଼୍‌ମା ବଲି ଶ୍ରୀ ଗଡ଼୍‌ତିଆ କହିଛନ୍ ।

ବନ୍ଦେ ମାତରମ୍        ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ପୌର ପରିଷଦ୍ ତର୍‌ଫୁ ସହରର୍ ପୃଥ୍ୱୀରାଜ୍ ଖେଲ୍ ପଡ଼ିଆ ନ ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତି ଅବ୍‌ସରେ ଆଏଜ୍ ଗୁଟେ ଖାସ୍ ସମାରୋହର୍ ଆୟୋଜନ୍ କରାଯାଇଛେ । ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ୍ କୁମାର୍ ବେହେରା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ବନ୍ଦେ ମାତରମ୍‌ର ଉପଲବ୍ଧି ଆଉ ଗୁରୁତ୍ୱ ବାବ୍‌ଦେ ବୁଝେଇଥିଲେ ।

ଇ ଅବ୍‌ସରେ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା ହେଇଥିଲା ।

**ମସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା** ବୌଦ୍ଧ ସମ୍ବାଦଦାତା

ବୌଦ୍ଧ କଚ୍‌ରୀ ପଡ଼ିଆ ନ ମସ୍ୟ ଆଉ ପ୍ରାଣୀସମ୍ପଦ୍ ବିଭାଗ୍ ତର୍‌ଫୁ ଜିଲ୍ଲାସ୍ତରୀୟ ମସ୍ୟ ଆଉ ପ୍ରାଣୀସମ୍ପଦ୍ ମେଳା ହେଇଯାଇଛେ । ମେଳାଥି ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନାନୁ ଚାଷୀମାନେ କେନ୍ତାକରି ଲାଭ୍ ପାଇପାର୍‌ବେ ସେ ବାବ୍‌ଦେ ବୁଝେଇଥିଲେ । ମେଳାଥି ଭିନ୍ ଭିନ୍ ଷ୍ଟଲ୍ ଜରିଏ ସର୍‌କାରୀ ଯୋଜ୍‌ନା ମାନ୍‌କର୍ ପ୍ରଦର୍ଶନ୍ କରାଯାଇଥିଲା । ଇ ଅବ୍‌ସରେ ସଫଲ୍ ଚାଷୀମାନ୍‌କୁ ସମ୍ବର୍ଦ୍ଧିତ୍ କରାଯାଇଥିଲା ।

**ସଚେତନତା କାର୍ଯ୍ୟକ୍ରମ** ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ଜିଲ୍ଲା କୋର୍ଟ ପରିସର୍ ନ କିନ୍ନର୍ ମାନ୍‌କର୍ ଅଧିକାର୍ ଉପ୍‌ରେ ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ପ୍ରାଧିକରଣ୍ ଅଧ୍ୟକ୍ଷ ପ୍ରତାପ୍ ପାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା

କାର୍ଯ୍ୟକ୍ରମ୍‌ଥି ମୁଖ୍ୟ ଦଣ୍ଡାଧୀଶ ନିରଞ୍ଜନ୍ ପାତ୍ର, ରେଜିଷ୍ଟ୍ରାର୍ ଜୟପ୍ରକାଶ୍ ନାୟକ୍ ଙ୍କର୍ ସହେତେ ବିଚାର୍‌ପତି ଆଉ ଓକିଲ୍‌ମାନେ ଉପସ୍ଥିତ୍ ଥିଲେ । ଇ ଅବ୍‌ସରେ ଅତିଥିଭାବେ କିନ୍ନର୍ ମାନ୍‌କର୍ ଅଧିକାର୍ ଆଉ ସେମାନ୍‌କର୍ ଲାଗି ଥିବା ସର୍‌କାରୀ ସହାୟତା ବାବ୍‌ଦେ ବୁଝେଇଥିଲେ ।

ଜାତୀୟ ଭୋଟର୍ ଦିବସ-ପ୍ରସ୍ତୁତି ବୈଠକ        ଦେବ୍‌ଗଡ଼୍

ଜାତୀୟ ଭୋଟର୍ ଦିବସ୍ ପାଳନ୍ ଲାଗି ଦେବ୍‌ଗଡ଼୍ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଆଏଜ୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାପାଳ୍ କବିନ୍ଦ୍ର କୁମାର୍ ସାହୁ ଅଧ୍ୟକ୍ଷତା କରିକରି ଆଏବା ୨୫ ତାରିଖ୍ ଦିନ ସୁରୁଖୁରୁଥି ଜାତୀୟ ଭୋଟର୍ ଦିବସ୍ ପାଳନ୍ କର୍‌ବାର୍ ଲାଗି ସମ୍‌କର୍ ସହଯୋଗ୍ କମନା କରିଥିଲେ । ଜାତୀୟ ଭୋଟର୍ ଦିବସ୍ ଲାଗି ଆଏବା ୨୦ ତାରିଖ୍ ଦିନ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଭିନ୍ ଭିନ୍ ପ୍ରତିଯୋଗିତା କରାଯିବା । ୨୫ ତାରିଖ୍ ଦିନ ସଖାଲେ ଉପଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟନୁ ଗୁଟେ ସଚେତନତା ଶୋଭାଯାତ୍ରା ବାହାରିକରି ସହର୍ ପରିକ୍ରମା କର୍‌ବା ବଲି ବୈଠକ୍‌ଥି ଧାରିଜ୍ କରାଯାଇଛେ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା କାଏଲ୍‌ତକ୍ ଶୀତ୍‌ର ପ୍ରଭାବ୍ ଲାଗି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ପଶ୍ଚିମାଝଡ଼ ପ୍ରଭାବ୍‌ଥି ସୋମ୍‌ବାର୍‌ଦିନୁ ରାତିର୍ ତାପମାତ୍ରା ୨ ନୁ ୪ ଡିଗ୍ରୀ ତକ୍ ବଢ଼ିକରି ଶୀତ୍ କମ୍‌ବା । ଆଏବା ୨୪ ଘଂଟା ଭିତ୍‌ରେ ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍ ସହେତେ ୮ ଟା ଜିଲ୍ଲା ନ ଜବର୍ ଶୀତ୍ ହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।